# ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ନୂଆପଡ଼ା

ପତ୍ର ସଂଖ୍ୟା :1225 ତାରିଖ : 03.06.2019

## ଟେଣ୍ଡର ନୋଟିସ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ଥ ନିମ୍ନଲିଖିତ ସଇରାତ ତା: ୦୧.୦୭.୨୦୧୯ ରିଖ ଠାରୁ ତା : ୩୦.୦୬.୨୦୨୨ ରିଖ ପର୍ଯ୍ୟନ୍ତ ବନ୍ଧକଟା । ଏବଂ ଦୈନିକ ବଜାର , ସାପ୍ତାହିକ ବଜାର, କଲ୍ୟାଣମଣ୍ଡପ ପାଇଁ ତା: ୦୧.୦୭.୨୦୧୯ ରିଖ ଠାରୁ ତା : ୩୧.୦୩.୨୦୨୦ ରିଖ ପର୍ଯ୍ୟନ୍ତ ନିଲାମ ଦିଆଯିବା ନିମନ୍ତେ ନିମ୍ନ ସ୍ୱାକ୍ଷରକାରୀ ନିର୍ଦ୍ଦିଷ୍ଟ ଫର୍ମ ରେ ଜଉମୁଦ ଟେଣ୍ଡର ଆହ୍ୱାନ କରୁଅଛନ୍ତି । ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ୍ୟ ଫର୍ମ ମୂଲ୍ୟ (ଅଣଫେରସ୍ତ ) ପରିଷଦର କେସିୟର ଙ୍କ ନିକଟରେ DD/ Bankers Cheque ପଇଠ ଦେଇ ତା : ୦୪.୦୬.୨୦୧୯ ଠାରୁ ତା :୧୮.୦୬.୨୦୧୯ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟ ମଧରେ କ୍ରୟ କରି ତା ୧୮.୦୬.୨୦୧୯ ରିଖ ଅପରାହ୍ନ ଘ. ୧.୦୦ ଟିକା ମଧରେ ରେଜିଷ୍ଟ୍ରି ଡାକ /ସ୍ପିଡ ପୋଷ୍ଟ ଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ପହଞ୍ଚିବା ଆବଶ୍ୟକ । ତା: ୨୦.୦୬.୨୦୧୯ ରିଖ ଅପରାହ୍ନ ଘ. ୩.୦୦ ମି. ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଟେଣ୍ଡର କାଗଜ ଗୁଡିକ ଖୋଲାଯିବ । ଯେଉଁମାନେ ଟେଣ୍ଡରକୁ ଠିକ ଭାବରେ ଦର୍ଶଯାଇଥିବା ସର୍ତ୍ତାବଳୀ ଅନୁସାରେ ଦାଖଲ କରି ନ ଥିବେ ତାଙ୍କର ଟେଣ୍ଡରଟି ନାକଚ କରାଯିବ । ଟେଣ୍ଡର ପକାଇବାପାଇଁ ଇଚ୍ଛୁକ ବ୍ୟକ୍ତି ସଇରାତ ପାଇଁ ନିର୍ଦ୍ଦିଷ୍ଟ ଫର୍ମ ରେ ନିମ୍ନରେ ଲେଖା ଥିବା ଅମାନତ ଟଙ୍କା ନିର୍ବାହୀ ଅଧିକାରୀ , ନୂଆପଡା ବିଜ୍ଞାପିତ ଅଞ୍ଚଳ ପରିଷଦ , ନୂଆପଡା ଙ୍କ ନାମରେ Demand Draft କରି ଟେଣ୍ଡର ଫର୍ମ ସହିତ ଦାଖଲ କରିବେ । ଲଫଫା ଉପରେ ଟେଣ୍ଡର ଦାଖଲ କରୁଥିବା ସଇରାତ ର ନାମ ଉଲ୍ଲେଖ କରିବେ । ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟ ତା: ୦୪.୦୬.୨୦୧୯ ରିଖ ଠାରୁ ତା: ୧୮.୦୬.୨୦୧୯ ରିଖ ମଧରେ କାର୍ଯ୍ୟ ଦିବସ ଗୁଡିକରେ କାର୍ଯ୍ୟାଳୟ ସମୟ ମଧରେ ପ୍ରାପ୍ତ କରିପାରିବେ, କିମ୍ବା ଜିଲ୍ଲାପାଳ , ନୂଆପଡାଙ୍କ ୱେବସାଇଟ www.nuapadanic.in ରୁ ଦେଖିପାରିବେ । କୋରିଅର ଦ୍ୱାରା କୌଣସି ଟେଣ୍ଡର ପେପର ଗ୍ରହଣ କରାଯିବ ନହିଁ ।

କର୍ତ୍ତୃପକ୍ଷ ସର୍ବୋଚ ଟେଣ୍ଡର ଏବଂ ସମସ୍ତ ଟେଣ୍ଡରକୁ ଗ୍ରହଣ କରିବାକୁ ବାଧ ନୁହନ୍ତି । ଏହାଛଡା କର୍ତ୍ତୃପକ୍ଷ ଚାହିଁଲେ , କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ / ନାକଚ କରିପାରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ନୂଆପଡା

ପରିପତ୍ର ସଂଖ୍ୟା :1226 ତା :- 03.06.2019

ଏହାର ଅକକିତା ନକଲ ଜିଲ୍ଲାପାଳ , ନୂଆପଡା / ଉପ-ଜିଲ୍ଲାପାଳ , ନୂଆପଡା / ତହସିଲଦାର ନୂଆପଡା / ପ୍ରକଳ୍ପ ନିର୍ଦ୍ଦେଶକ ,ଡି.ଆର.ଡି. ଏ ନୂଆପଡା ଙ୍କ ବିଜ୍ଞାପନ ଫଳକରେ ସର୍ବସାଧାରଙ୍କ ଅବଗତି ପାଇଁ ଝୁଲାଇବା ସକାଶେ ସେମାନଙ୍କୁ ଅନୁରୋଧ ଜଣାଇ ପ୍ରେରଣା କରାଗଲା ।

ଏହାର ଏକାକିତା ନକଲ ପରିଷଦ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ସର୍ବସାଧାରଙ୍କ ଅବଗତିନିମନ୍ତେ ଟଙ୍ଗାଇ ଦିଆଗଲା

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତଅଞ୍ଚଳପରିଷଦ,ନୂଆପଡା

**ପରିପତ୍ର ସଂଖ୍ୟା : 1227 ତା :-** 03.06.2019

ଏହାର ଏକକିତ ନକଲ ଜିଲ୍ଲା ସୂଚନା ଅଧିକାରୀ , ଏନ. ଆଇ. ସି. ନୂଆପଡା/ ବିଜ୍ଞାପନ ମ୍ୟାନେଜର ଖବରକାଗଜ ଧରିତ୍ରି / ପ୍ରମୟ ଙ୍କୁ ବିଜ୍ଞାପନ ନିମନ୍ତେ ପ୍ରେରଣା କରାଗଲା ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡା

**ପରିପତ୍ର ସଂଖ୍ୟା : 1228 ତା :-** 03.06.2019

**ଏହାର ଅକକିତା ନକଲ ଜିଲ୍ଲାପାଳ ,ତଥା ପ୍ରଶାସକ ବିଜ୍ଞାପିତ ଅଞ୍ଚଳ ପରିଷଦ,ନୂଆପଡା ଓ ଟେଣ୍ଡର କମିଟି ସଦସ୍ୟ ଙ୍କୁ ପ୍ରେରଣ କରାଗଲା ।**

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡା

# ଟେଣ୍ଡରର ସର୍ତ୍ତାବଳୀ

1. ଟେଣ୍ଡର ଦାତାଙ୍କ ନାମ ରେ ବିଜ୍ଞାପିତ ଅଞ୍ଚଳ ପରିଷଦ , ନୂଆପଡା ମଧ୍ୟରେ ବାସଗୃହ ଥିବା ଆବଶ୍ୟକ । ଟେଣ୍ଡର ସହିତ ଏହାର ପ୍ରମାଣ ପତ୍ର ଦାଖଲ କରିବେ ।
2. ନିର୍ଦ୍ଧାରିତ ତାରିଖ ଓ ସମୟ ପରେ ଆସିଥିବା କୌଣସି ଟେଣ୍ଡର ଗ୍ରହଣୀୟ ନୁହେଁ ।
3. ଟେଣ୍ଡର ଦାତାଙ୍କ ନାମ ରେ ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ପରିଷଦ , ନୂଆପଡା ର କୌଣସି ବକେୟା ପ୍ରାପ୍ୟ ଥିଲେ ଟେଣ୍ଡର ଟି ଅଗ୍ରାହ୍ୟ ହେବ ଓ ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ।
4. ଗୃହିତ ଟେଣ୍ଡର ବାବଦ ସମସ୍ତ ଟଙ୍କା ନିର୍ଦ୍ଦେଶ ପ୍ରକାରେ ଦାଖଲ ଦେବେ ଓ ଏଥି ସମ୍ବନ୍ଧୀୟ ଚୁକ୍ତି ପତ୍ର ସମ୍ପାଦନ କରିବେ, ନଚେତ ଟେଣ୍ଡର ଟି ଆସିଦ୍ଧ କରାଯାଇ ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ।
5. ସେରତରୁ ଆଦାୟ ଫି ଦର ସମ୍ପର୍କରେ କାର୍ଯ୍ୟାଳୟ ରୁ ବୁଝିପାରିବେ ।
6. ଟେଣ୍ଡର ଫର୍ମ ସହିତ ଟେଣ୍ଡର ଦାତାଙ୍କ ଭୋଟ ପରିଚୟ ପତ୍ରର ନକଲ କିମ୍ବା ଚିହ୍ନଟ ପାଇଁ ଆବଶ୍ୟକୀୟ ପ୍ରମାଣ ପତ୍ର ଦାଖଲ ଦେବେ ।
7. ବିଭିନ୍ନ କାରଣ ବଶତଃ ୦୧.୦୭.୨୦୧୯ ଠାରୁ ତା ୩୧.୦୬.୨୦୨୨ ବର୍ଷ ମଧ୍ୟରେ ଟେଣ୍ଡର ମୂଲ୍ୟ ହ୍ରାସ ପାଇଁ ଆବେଦନ ଗ୍ରହଣୀୟ ନୁହେଁ ।
8. ଟେଣ୍ଡରଦାତା ଯେଉଁ ଲୋକଙ୍କ ଦ୍ୱାରା ମହସୁଲ ଆଦାୟ କରିବେ , ସେମାନଙ୍କ ଠିକଣା ଓ ଦୁଇଟି ଫଟୋ ନିର୍ବାହୀ ଅଧିକାରୀଙ୍କ ଆଦେଶ ପାଇବାର ୩ ( ତିନି ) ଦିନ ମଧ୍ୟରେ ଦାଖଲ କରିବେ । ତହିଁରେ ଗୋଟିଏ ଫଟୋ ଅନୁମତି ପତ୍ର ସହ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଥାଇ ମହସୁଲ ଆଦାୟ କରୁଥିବା ବ୍ୟକ୍ତି ନିଜ ପାଖରେ ରଖିବେ । କୌଣସି ପୋଲିସ କର୍ମଚାରୀ କିମ୍ବା ପରିଷଦର ପରିଦର୍ଶକ ଅସୁଲକାରୀଙ୍କ ପରିଚୟ ପତ୍ର ଦରକାର ହେଲେ ସେ ତାଙ୍କର ପରିଚୟପତ୍ର ଫଟୋ ସହିତ ଦେଖାଇବେ । ଏହା ଦର୍ଶାଇ ନ ପାରିଲେ , ଆଇନ ଅନୁଯାୟୀ ସମ୍ପୃକ୍ତ ଟେଣ୍ଡରଦାତା କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ଲୋକଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ସେଥିପାଇଁ ସେ ନିଜେ ହିଁ ଦାୟୀ ରହିବେ ।
9. ଟେଣ୍ଡର ଦାଖଲ କରିଥିବା ବ୍ୟକ୍ତିବିଶେଷ କୌଣସି ଭୁଲ ତଥ୍ୟ ଦାଖଲ କରିଥିଲେ କିମ୍ବା ଟେଣ୍ଡର ସମ୍ବନ୍ଧୀୟ କୌଣସି ସର୍ତ୍ତାବଳୀ ଉପରେ ଅଣ୍ଡରଟେକିଂ ଦେଇଥିଲେ , ତାହା ଗ୍ରହଣ କରାଯିବ ନହିଁ ଓ ସମ୍ପୃକ୍ତ ଟେଣ୍ଡର ଅଯୋଗ୍ୟ ଘୋଷିତ ହେବ ।
10. ଦରଖାସ୍ତ ରେ ଲିଜ ପାଇଁ ସର୍ବାଧିକ କେତେ ଟଙ୍କା ଦେବାକୁ ସମ୍ମତି ଅଛନ୍ତି ତାହା ସଠିକ ଭାବେ ସଂଖ୍ୟା ଓ ଅକ୍ଷରରେ ଲେଖାଯିବ ଯାହାକି ଧାର୍ଯ୍ୟଦର ଠାରୁ କମ ହେବ ନହିଁ ।
11. ଟେଣ୍ଡର ସିଡ୍ୟୁଲ ଗୋଟିଏ ଜଉମୁଦଦିଆ ଲଫାଫାରେ ଓ ଅନ୍ୟ କାଗଜପତ୍ର ଆଉ ଗୋଟିଏ ଜଉମୁଦ ଦିଆ ଲଫାଫାରେ ଭର୍ତ୍ତି କରି ଏହି ଦୁଇଗୋଟି ଲଫାଫାକୁ ଗୋଟିଏ ବଡ ଲଫଫାରେ ଭର୍ତ୍ତି କରି ଜଉମୁଦଦେଇ ରେଜେଷ୍ଟ୍ରି ଡାକ / ସ୍ପିଡ ପୋଷ୍ଟ ଯୋଗେ ପଠାଇବେ ଅନ୍ୟଥା ଟେଣ୍ଡର କାଗଜ ଖୋଲା ନ ଯାଇ ରଦ୍ଧ କରାଯିବ ।
12. ଯେଉଁ ବ୍ୟକ୍ତିଟେଣ୍ଡର ଦାଖଲ କରିବେ ଲଫଫା ଉପରେ ଟେଣ୍ଡରର ଦାଖଲ କରୁଥିବା ମାହାଲର ନାମ ଉଲ୍ଲେଖ କରିବେ ।
13. କୌଣସି ଆବେଦନ କାରୀ ସଇରାତ ପାଇବାପାଇଁ ଯୋଗ୍ୟବିବେଚିତ ହେଲେ ସେତାଙ୍କର ଆବେଦନ ଫର୍ମ ରେ ଉଲ୍ଲେଖ କରିଥିବା ଅମାନତ ଟଙ୍କାର ୩ ଦିନ ମଧ୍ୟରେ ଚୁକ୍ତିନାମା ପୂର୍ବରୁ ଆବେଦନ କରିଥିବା ମୂଲ୍ୟ ଟଙ୍କାର ୧୦୦% ଅମାନତ ଜମାଦେବେ , ଅନ୍ୟଥା ତାଙ୍କର ଆବେଦନ କରିଥିବା ନିଲାମ ଅମାନତ ଟଙ୍କା କୁ ବାଜ୍ୟାପ୍ତ କରାଯିବ ।
14. କଲ୍ୟାଣମଣ୍ଡପ ନିଲାମ ପାଇବା ବ୍ୟକ୍ତିଙ୍କର ଅମାନତ ଜମାରାଶି କଲ୍ୟାଣମଣ୍ଡପର ନିଲାମି ଅବଧି ଶେଷ ହେବାପରେ ଫେରେସ୍ତକରାଯିବ । କଲ୍ୟାଣମଣ୍ଡପର Minor Repair and Maintenance & electricity charges ନିଲାମି ପାଇଥିବା ବ୍ୟକ୍ତି ବହନ କରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,ନୂଆପଡା

Accepted the above Term & Conditions.

Full Signature of the Tenderer

# ସଇରାତର ନାମ

| କ୍ରମିକ ନଂ | ସଇରାତର ନାମ | ଅଫସେଟର ମୂଲ୍ୟ୦୧.୦୭.୧୯ଠାରୁ ୩୦.୦୬.୨୨ ବନ୍ଧକଟା ଏବଂ ଦୈନିକ ବଜାର, ସାପ୍ତାହିକ ବଜାର ଓ କଲ୍ୟାଣମଣ୍ଡପ ୦୧.୦୭.୧୯ ଠାରୁ ୩୧.୦୩.୨୦୨୦ ପର୍ଯ୍ୟନ୍ତ । | ଅମାନତ ମୂଲ୍ୟ ଅଫସେଟ ଦର (ସ୍ଥିରୀକୃତ) ର ୨୫ ଶତାଂଶ । | ଟେଣ୍ଡର ପେପରମୂଲ୍ୟ |
|---|---|---|---|---|
| ୧ | ଦର୍ଲୀ ବନ୍ଧ, ମହୁଆଭାଟା | ୩୯୭୧୦/- | ୯୯୨୮/- | ୪୦୦/- |
| ୨ | ଗଦା ବନ୍ଧ , ଶିରଡୋଲ | ୪୫୨୬୬/- | ୧୧୩୧୭/- | ୪୦୦/- |
| ୩ | କଟାବନ୍ଧ, ଶିରଡୋଲ | ୨୩୩୪୩/- | ୫୮୩୬/- | ୪୦୦/- |
| ୪ | ଜେଲ ବନ୍ଧ , ନୂଆପଡା | ୧୦୯୬୪/- | ୨୭୪୧/- | ୪୦୦/- |
| ୫ | ପାଇଠୁବନ୍ଧ, ମନ୍ଦିରପଡା | ୮୯୧୦୦/- | ୨୨୨୭୫/- | ୪୦୦/- |
| ୬ | ନର୍ସରୀବନ୍ଧ,ପଟନାୟକପଡା | ୧୪୭୬୨/- | ୩୬୯୦/- | ୪୦୦/- |
| ୭ | ରାଜାବନ୍ଧ, ନୂଆପଡା | ୭୭୦୦/- | ୧୯୨୫/- | ୪୦୦/- |
| ୮ | ଦୈନିକବଜାର, , ନୂଆପଡା | ୧୧୫୪୬୮/- | ୨୮୮୬୭/- | ୧୫୦୦/- |
| ୯ | ସାପ୍ତାହିକ ବଜାର , ନୂଆପଡା | ୩୧୮୫୩୨/- | ୭୯୬୩୩/- | ୨୦୦୦/- |
| ୧୦ | କଲ୍ୟାଣମଣ୍ଡପ ନୂଆପଡା | ୧୦୦୦୦୦/- | ୨୫୦୦୦/- | ୨୦୦୦/- |

ନିଲାମରେ ଭାଗ ନେବାକୁ ଅନ୍ୟାନ୍ୟ ସର୍ତାବଳି ଟେଣ୍ଡର ପେପର ସହ ପାଇବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତଅଞ୍ଚଳପରିଷଦ, ନୂଆପଡା